# Akashvani, Sambalpur

## SAMBALPURI NEWS BULLETIN

### 19 May 2024- 6.47- 6.52 am.

*********************************************

୨ ନମ୍ବର୍ ଖେପ୍ ନିର୍ବାଚନ୍ - ପ୍ରଚାର୍ ଶେଷ୍

ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା କାଏଲ୍ ୨ ନମ୍ବର୍ ଖେପ୍ ଭୋଟ୍ ହେବା । ଇ ଖେପେ ରାଜ୍ୟର୍ ୫ ଟା ସଂସଦୀୟ କ୍ଷେତ୍ର ସୁନ୍ଦର୍ଗଡ୍, ବର୍ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଆଉ ଇତାର୍ ଅଧୀନଥି ଥିବା ୩୫ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେବା । ହେଥିର୍ଲାଗି ଗଲାକାଏଲ୍ଠାନୁ ମତଦାନ୍ କେନ୍ଦ୍ର ମାନ୍କୁ ପୋଲିଂ ପାର୍ଟିମାନ୍କର୍ ଯିବାର୍ଟା ମୁଲ୍ ହେଇଛେ । ଇ ଖେପେ ୫ ଟା ଲୋକ୍ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ମୋଟ୍ ୪୦ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାର୍ ବେଲେ ୩୫ ଟା ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ସୂଚ୍ନା ଅନ୍ସାରେ, ଇ ୨ ନମ୍ବର୍ ଖେପର୍ ଭୋଟ୍ଥି ମୋଟ୍ ୭୯ ଲାଖ୍

୬୯ ହଜାର୍ ୮ ଶହ ୮୭ ଝନ୍ ଭୋଟର୍ ରହିଛନ୍ । ସେମାନ୍‌କର୍ ଭିତ୍‌ରୁ ୪୦ ଲାଖ୍ ୩୩ ହଜାର୍ ୯ ଶହ ୯୨ ପୁରୁଷ ଭୋଟର୍ ଆଉ ୩୯ ଲାଖ୍ ୩୫ ହଜାର୍ ୪୪ ଝନ୍ ମହିଲା ଭୋଟର୍ ଆନ୍ ।

ନିର୍ବାଚନ୍- ସାମଗ୍ରୀ ଜପତ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ନିର୍ବାଚନ୍ ପ୍ରକ୍ରିୟା ମୁଲ୍ ହେବାର୍ ଦିନୁ ଏବ୍‌ତକ୍ ନଗଦ୍ ୧୭ କୋଟି ୧୮ ଲାଖ୍ ଟଙ୍କା ସହେତେ ପାଖାପାଖ୍ ୨ ଶହ ୫୫ କୋଟି ଟଙ୍କାର୍ ସାମାନ୍ ଜପତ୍ ହେଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଲ କହିଛନ୍ । ସେନ୍ତା ସାରା ଦେଶେ ଏବ୍‌ତକ୍ ନଗଦ୍ ୮ ଶହ ୯୪ କୋଟି ଟଙ୍କା ସହେତେ ପାଖାପାଖ୍ ୯ ହଜାର୍ କୋଟି ଟଙ୍କାର୍ ସାମାନ୍ ଜପତ୍ ହେଇଥିବା ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ଆର୍‌ଏନ୍‌ୟୁ/ସମ୍ବଲପୁର

ବିଜେପିର ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବାର୍‌କେ ଆଏଜ୍

୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ସେ ଆଏଜ୍ ରାତି ଭୁବ୍‌ନେଶ୍ୱର୍ ରାଜଭବନନ୍ ନ ରହେବେ ଆଉ ଆଏବାକାଏଲ୍ ସଖାଲେ ପୁରୀ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍‌ବାର୍ ଉତାରୁ ବଡ଼ଦାଣ୍ଡ ନ ରୋଡ୍ ସୋ କରିକରି ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବେ । ତାର୍ ଉତ୍‌ରୁ ସଖାଲର୍ ସାଢ଼େ ୯ ବଜେ ପ୍ରଧାନ୍‌ମନ୍ତ୍ରୀ ଅନୁଗୁଲ୍ ଯାଇକରି ନାଲ୍‌କୋ ଷ୍ଟାଡ଼ିୟମ୍ ନ ବିଜେପି ତର୍‌ଫୁ ହେବାର୍‌କେ ଥିବାର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ । ସେନୁ ଫିରିକରି ଦିନର୍ ସାଢ଼େ ୧୧ ବଜେ କଟକ୍‌ର ବାଲିଯାତ୍ରା ପଡ଼ିଆ ନ ପ୍ରଧାନ୍‌ମନ୍ତ୍ରୀ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବାର୍ କାର୍ଯ୍ୟକ୍ରମ ରହିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ଗସ୍ତ ଲାଗି କଡ଼ା ସୁରକ୍ଷା ବନ୍ଦୋବସ୍ତ ହେଇଛେ । ଭୁବ୍‌ନେଶ୍ୱର୍ ଆର୍ କଟକ୍ ନ ସୁରକ୍ଷା ବନ୍ଦୋବସ୍ତଥି ବରିଷ୍ଠ ଅଧିକାରୀମାନ୍‌କର୍ ସହେତେ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ୍ ରହେବେ ବଲି ପୁଲିସ୍ କମିଶନର୍ ସଞ୍ଜିବ୍ ପଣ୍ଡା ସୂଚ୍‌ନା ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ- ସମ୍ବଲପୁର        ସମ୍ବଲପୁର ସମ୍ବାଦଦାତା

ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ନାକ୍‌ଟିଦେଉଲ୍‌ଠାନେ ଦଲୀୟ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେନ୍ତା ଆଏବା ୨୧ ତାରିଖ୍ ଦିନ ଦଲର୍ ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଦଲୀୟ ପ୍ରଚାର୍ ଲାଗି ସମ୍ବଲ୍‌ପୁର୍ ଗସ୍ତଥି ଆସ୍‌ବେ । ସେ ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ନ ଗୁଟେ ସାଧାରଣ୍ ସଭାକେ ସମ୍ବୋଧନ୍ କର୍‌ବେ ବଲି ଦଲୀୟ ସୂତ୍ରନୁ ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ- ପ୍ରଚାର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜୁ ଜନତା ଦଲର୍ ସଭାପତି ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ କେନ୍ଦୁଝର୍ ଜିଲ୍ଲା ଗସ୍ତଥି ଯିବେ । ଶ୍ରୀ ପଟ୍ଟନାୟକ୍ କେନ୍ଦୁଝର୍ ଆର୍ ଆନନ୍ଦପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଇଲାକାଥି ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ନିର୍ବାଚନ୍ ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

କେଲ୍‌ସିଅମ୍ କାର୍ବାଇଟ୍-ନିଷିଦ୍ଧ ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ଖାଦ୍ୟ ନିରାପତା ଆଉ ମାନକ କର୍ତୃପକ୍ଷ ଏଫ୍.ଏସ୍.ଏସ୍.ଏ.ଆଇ. ତର୍ଫୁ ଫଲ୍‌ମୂଲ୍‌କେ ପଚାବାର୍ ଲାଗି କେଲ୍‌ସିଅମ୍ କାର୍ବାଇଟ୍ ବେଭାର୍‌କେ ନିଷିଦ୍ଧ କରାଯାଇଥିବାର ବେଲେ ହେ ଆଇନ୍‌କେ କଡ଼ାକଡ଼ି ପାଲନ୍ କର୍‌ବାର୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଫଲ୍ ମୂଲ୍ ବେପାରୀ ଆର୍ ଇ କାର୍‌ବାର୍‌ଥି ଥିବା ଅଲ୍‌ଗା ବେପାରୀମାନ୍‌କୁ ଫଲ୍ ପଚାବାର୍‌ଥି କେଲ୍‌ସିଅମ୍ କାର୍ବାଇଟ୍ ବେଭାର୍ ନାଇଁ କର୍‌ବାର୍‌କେ କୁହାଯାଇଛେ । ଇ ବାବ୍‌ଦେ ସବୁ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ଖାଦ୍ୟ ସୁରକ୍ଷା ବିଭାଗ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

## ସିବିଏସ୍‌ଇ ୧୦, ୧୨ ସପ୍ଲିମେଂଟରୀ ପରୀକ୍ଷା

ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇର ୧୦ ଆର୍ ୧୨ କ୍ଲାସ୍‌ର ସପ୍ଲିମେଂଟରୀ ପରୀକ୍ଷା ଆଏବା ଜୁଲାଇ ୧୫ ତାରିଖ୍‌ନୁ ମୁଲ୍ ହେବା । ଇଥିର୍‌ଲାଗି ଆଏବା ହପ୍ତା ନ ସିବିଏସ୍‌ଇ ତର୍ଫୁ ପରୀକ୍ଷା ସୂଚୀ ଜାରି କରାଯିବା । ଇନ ଜନେଇ ଦିଆଯାଇପାରେ

ଯେ, ଗଲା ୧୩ ତାରିଖ୍ ଦିନ ସିବିଏସ୍ଇର ୧୦ ଆର୍ ୧୨ କ୍ଲାସ୍‌ର ପରୀକ୍ଷାଫଲ୍ ବାହାରିଛେ । ହେଥି ଯେନ୍ ଛାତ୍ରଛାତ୍ରୀ ଗୁଟେ କି ଦୁଇଟା ବିଷୟଥି ଫେଲ୍ ହେଇଥିବେ ସେମାନେ ସପ୍ଲିମେଂଟରୀ ପରୀକ୍ଷା ଦେଇପାର୍‌ବେ । ଇ ପରୀକ୍ଷା ଦେବାର୍ ବାବ୍‌ଦେ ସିବିଏସ୍ଇର ୱେବ୍‌ସାଇଟ୍ cbse.gov.inଥି ଅଏତ୍‌କା ସୂଚ୍‌ନା ମିଳିପାର୍‌ବା ।

## ନରସିଂନାଥରେ ମୁଲ ହେଲା ବୈଶାଖ ମେଲା

ବର୍‌ଗଡ୍ ସମ୍ବାଦଦାତା

ବରଗଡ୍ ଜିଲ୍ଲାର୍ ପ୍ରସିଦ୍ଧ ନର୍‌ସିଂନାଥ୍ ପୀଠ ନ ବୈଶାଖ୍ ମେଲା ମୁଲ୍ ହେଇଛେ । ଗଲା କାଏଲ୍ ବେଲ୍‌ବୁଡ୍ଁେ ନରସିଂନାଥ୍‌ର ପାପନାଶିନୀ ଝର୍‌ନା ନୁ କଲସ୍ ଅନାଯାଇକରି ଯଜ୍ଞ ମଣ୍ଡପ୍ ନ ଥାପ୍‌ନା କରାଯାଇଛେ । ମେଲାଥି ଆଏଜ ଠାନୁ ବିଶ୍ୱ ଶାନ୍ତି ମହାଯଜ୍ଞ ମୁଲ୍ ହେବା । ଆଏବା ବୁଧବାର୍ ବୈଶାଖ ଚତୁର୍ଦ୍ଦଶୀ ଦିନ କନ୍ଧ ସମାଜ ତରଫୁଁ ଗୁପ୍ତ ପୂଜା ଆର ନରସିଂହ ମାହାପୁରୁଙ୍କୁ କନ୍ଦା ଭୋଗ ଲଗାହେବା । ସେଦିନ ମନ୍ଦିର ର ସିଘେଁ କନ୍ଧ ସମାଜର ମୁଖିଆ ଧଜା ବାନ୍ଧବାର ପରଂପରା ରହିଛେ । ବୈଶାଖ ମେଲା ଆର ନରସିଂହ ଜନମ ଉତ୍ସବ କେ ପାଳନ କରବାର ଲାଗି

ମନ୍ଦିର ପ୍ରଶାସନ ତରଫୁଁ ସବୁ ପ୍ରକାର ବ୍ୟବସ୍ଥା ହଇଛେ । ନରସିଂହନାଥ ନ ଭକତ ମାନକର ଗହଲ ଚହଲ ହେଲାନ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ଆର୍ ବଲାଙ୍ଗିର୍ ଜିଲ୍ଲା ନ ଆଏବା କାଏଲ୍ ଜବର୍ ତାତି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେନ୍ତା ଦକ୍ଷିଣ ପଶ୍ଚିମ ବଙ୍ଗୋସାଗର୍ ଇଲାକା ନ ଆଏବା ୨୨ ତାରିଖ୍ ଆଡ଼େ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ବଲି କୁହାଯାଇଛେ ।